# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 2 May - 2024

### News Editor : Tapan Kumar Maharana

**************************************

## ମୁଖ୍ୟ ସମ୍ବାଦ

- ବିଧାନସଭା ନିର୍ବାଚନ ପାଇଁ ବାକି ଥିବା ତିନୋଟି ଆସନରେ ପ୍ରାର୍ଥୀ ଘୋଷଣା କଲା ବିଜେଡି

- କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କଲେ ଦଳର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

– ରାଜ୍ୟର କେତେକ ଲୋକସଭା ଏବଂ ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କଲେ ବିଭିନ୍ନ ରାଜନୈତିକ ଦଳୀୟ ଏବଂ ସ୍ୱାଧୀନ ପ୍ରାର୍ଥୀ

- ନବରଙ୍ଗପୁର ଜିଲ୍ଲାରେ ଆଜିଠୁ  ଆରମ୍ଭ ହେଲା ପୋଷ୍ଟାଲ ବାଲାଟ ମତଗ୍ରହଣ ପ୍ରକ୍ରିୟା

ଏବଂ

- ରାଜ୍ୟରେ ଆଜି ମଧ୍ଯ ବଳବତ୍ତର ରହିଛି  ଗ୍ରୀଷ୍ମର ପ୍ରକୋପ;  ଦିନ ସାଢ଼େ ୧୧ଟା ସୁଦ୍ଧା ସର୍ବାଧିକ ଦିନ ତାପମାତ୍ରା ୪୦ ଦଶମିକ ୬ ଡିଗ୍ରୀ ସେଲସିୟସ ବାଲେଶ୍ୱରରେ ହୋଇଛି ରେକର୍ଡ

***BBSR***

## ବିଜେଡି ପ୍ରାର୍ଥୀ ଘୋଷଣା

ବିଜୁ ଜନତା ଦଳ ପକ୍ଷରୁ ବାକି ରହିଥିବା ତିନୋଟି ବିଧାନସଭା ଆସନ ପାଇଁ ଆଜି ପ୍ରାର୍ଥୀ ଘୋଷଣା କରାଯାଇଛି । କୋରେଇ, ଖଣ୍ଡପଡ଼ା ଏବଂ ନୀଳଗିରି ବିଧାନସଭା ଆସନ ପାଇଁ ଦଳ ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଛି । କୋରୋଇରୁ ସନ୍ଧ୍ୟାରାଣୀ ଦାସ, ନୀଳଗିରିରୁ ସୁକାନ୍ତ ନାୟକ ଏବଂ ଖଣ୍ଡପଡ଼ାରୁ ସାବିତ୍ରୀ ପ୍ରଧାନ ନିର୍ବାଚନ ଲଢ଼ିବେ । ଏଥିସହ ଦଳ ପକ୍ଷରୁ ସମସ୍ତ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ଶେଷ ହୋଇଛି । ଅନ୍ୟପକ୍ଷରେ ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କୁ ଦଳ ପରିବର୍ତ୍ତିତ କରିଛି । ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଦେବଗଡ଼ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରାଯାଇଛି । ପୂର୍ବରୁ ଏହି ଆସନ ପାଇଁ ଅରୁନ୍ଧତୀ ଦେବୀଙ୍କ ନାମ ଚୂଡ଼ାନ୍ତ ହୋଇଥିଲା ।

***HS***

## ମୁଖ୍ୟମନ୍ତ୍ରୀ- ପ୍ରାର୍ଥିପତ୍ର ଦାଖଲ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ପ୍ରାର୍ଥୀ ଭାବେ  ନାମାଙ୍କନପତ୍ର ଦାଖଲ କରିଛନ୍ତି । ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ପାଖରେ

ମୁଖ୍ୟମନ୍ତ୍ରୀ ନାମାଙ୍କନପତ୍ର ଦାଖଲ କରିବାବେଳେ ତାଙ୍କ ସହ ଦଳର ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

***Boudh/DHNKL/Sonepur/Rourkela***

## ପ୍ରାର୍ଥିପତ୍ର ଦାଖଲ

ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଓ ବୀରମହାରାଜପୁର ବିଧାନସଭା ଆସନ ପାଇଁ କେତେକ ରାଜନୈତିକ ଦଳୀୟ ପ୍ରାର୍ଥୀ ଏବଂ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ସୋନପୁର ବିଧାନସଭା କ୍ଷେତ୍ର ପାଇଁ କଂଗ୍ରେସ ଦଳର ପ୍ରିୟବ୍ରତ ସାହୁ, ସୁରେଶ୍ୱରୀ ପୀଠରୁ ସମର୍ଥକଙ୍କ ଗ୍ରହଣରେ ଏକ ଶୋଭାଯାତ୍ରାରେ ଯାଇ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେହିଭଳି ନବନିର୍ମାଣ କୃଷକ ସଂଗଠନର ସମର୍ଥିତ ପ୍ରାର୍ଥୀ ସୋନାଳି ବିଶି ଏକ ନିଆରା ଢଙ୍ଗରେ ଶୋଭାଯାତ୍ରାରେ ଯାଇ ନାମାଙ୍କନପତ୍ର ଦାଖଲ କରିଛନ୍ତି । ବୀରମହାରାଜପୁର ବିଧାନସଭା ଆସନ ପାଇଁ ବିଜେଡିର ପଦ୍ମନାଭ ବେହେରା ଆଜି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।

ଢେଙ୍କାନାଳ ବିଧାନସଭା ଆସନ ପାଇଁ ବିଜେପିର କୃଷ୍ଣଚନ୍ଦ୍ର ପାତ୍ର ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ରଞ୍ଜିତ କୁମାର ସାହୁ ଗତକାଲି ତାଙ୍କର ନାମାଙ୍କନପତ୍ର ଦାଖଲ କରିଥିଲେ ।

ସୁନ୍ଦରଗଡ଼ ଲୋକସଭା ଆସନ ପାଇଁ ବିଜେପି ନେତା ଜୁଏଲ ଓରାମ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତାଙ୍କ ସହ ଦଳର ବିଧାନସଭା ପ୍ରାର୍ଥୀ ସୁନ୍ଦରଗଡ଼ର କୁସୁମ ଟେଟେ, ତଳସରାର ଭବାନୀ ଭୋଇ ଓ ରାଜଗାଙ୍ଗପୁରର ନରସିଂହ ମିଞ୍ଜ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିଭଳି ଏହି ଲୋକସଭା ଆସନ ପାଇଁ କଂଗ୍ରେସ ପକ୍ଷରୁ ଜନାର୍ଦ୍ଦନ ଦେହୁରୀ ଗତକାଲି ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି ।  ତଳସରା ବିଧାନସଭା ଆସନ ପାଇଁ କଂଗ୍ରେସର ଦେବେନ୍ଦ୍ର ଭର୍ତ୍ତିଆ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ବଣାଇ ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଗୋପୀନାଥ କିଶାନ ଏବଂ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ କୁନି ମୁଣ୍ଡା ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ସୁନ୍ଦରଗଡ଼ ବିଧାନସଭା ଆସନ ପାଇଁ କଂଗ୍ରେସର ସୁଧାରାଣୀ ରାଉଦିଆ, ସିପିଆଇର ରାଜେନ୍ଦ୍ର ନାଏକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ରୋହିତ ଯୋଶେଫ ତିର୍କୀ ଏବଂ ରାଉରକେଲା ବିଧାନସଭା ଆସନ ପାଇଁ ଶାରଦା ପ୍ରସାଦ ନାୟକ ଓ ସ୍ୱାଧୀନ ପ୍ରାର୍ଥୀ ବିଶ୍ୱନାଥ ଲାକ୍ରା ନାମାଙ୍କନପତ୍ର ଦାଖଲ କରିଛନ୍ତି । ରାଜଗାଙ୍ଗପୁର ବିଧାନସଭା ଆସନ ପାଇଁ କଂଗ୍ରେସ ପକ୍ଷରୁ ସି.ଏସ୍. ରାଜୀନ ଏକ୍କା ଏବଂ ବିଜେଡିରୁ ଅନୀଲ ବରୁଆ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।

ସୁନ୍ଦରଗଡ଼ ଲୋକସଭା ଆସନ ଏବଂ ଏହି ଆସନ ଅନ୍ତର୍ଗତ ବିଧାନସଭା ଆସନଗୁଡ଼ିକ ପାଇଁ ଆସନ୍ତାକାଲି ହେଉଛି ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସ। ଶନିବାର ଦିନ ପ୍ରାର୍ଥିପତ୍ର ଗୁଡ଼ିକ ଯାଞ୍ଚ କରାଯିବ ଏବଂ ୬ ତାରିଖ ପ୍ରାର୍ଥିପତ୍ର ଶେଷ ଦିବସ ଧାର୍ଯ୍ୟ ହୋଇଛି।

ବୌଦ୍ଧ ଜିଲ୍ଲା କନ୍ଧମାଳ ଏବଂ ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଆଜି କଂଗ୍ରେସ ଦଳୀୟ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। କନ୍ଧମାଳ ପାଇଁ ସରୋଜ କୁମାର ପ୍ରଧାନ ଏବଂ ବୌଦ୍ଧ ଲାଗି ନବକୁମାର ମିଶ୍ର ଶୋଭାଯାତ୍ରାରେ ଯାଇ ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି।

***Nabarangpur***

## ପୋଷ୍ଟାଲ ବାଲାଟ୍

ନବରଙ୍ଗପୁର ଜିଲ୍ଲାରେ ଆଜିଠାରୁ ପୋଷ୍ଟାଲ ବାଲାଟ୍‌ରେ ମତଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀର ଚାରୋଟି କେନ୍ଦ୍ରରେ ଅନୁଷ୍ଠିତ ହେଉଥିବା ତାଲିମ କାର୍ଯ୍ୟକ୍ରମ ସମୟରେ ପୁଲିଂ ଅଧିକାରୀମାନେ ନିଜ ନିଜ ନିର୍ବାଚନମଣ୍ଡଳୀ ପାଇଁ ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ମତଦାନ କରିଛନ୍ତି। ଏଥିପାଇଁ ନିର୍ବାଚନ ଅଧିକାରୀଙ୍କ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୋଷ୍ଟାଲ ମତଦାନ ପାଇଁ ପୂର୍ବରୁ ଆବେଦନ କରିଥିବା ୬ ହଜାର ୬୪୭ ଜଣ ପୁଲିଂ ଅଧିକାରୀଙ୍କ ମଧ୍ୟରୁ ୫୫୬ ଜଣ ଆଜି ତାଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ଆସନ୍ତା ଶନିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତାଲିମ

କାର୍ଯ୍ୟକ୍ରମରେ ୭ ହଜାର ୧୪୦ ଜଣ ପୁଲିଂ ଅଧିକାରୀ ଅଂଶଗ୍ରହଣ କରିଛନ୍ତି।

*Nabarangpur*

## କେନ୍ଦ୍ରମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

କେନ୍ଦ୍ର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ଶାନ୍ତନୁ ଠାକୁର ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଇଘର ବ୍ଲକ ଠାରେ ଏକ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାକୁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ନାଗରିକ ସଂଶୋଧନ ଆଇନ ଲାଗୁ ହେବା ଫଳରେ ସଂଖ୍ୟାଲଘୁ ସମ୍ପ୍ରଦାୟ ବିଶେଷ କରି ବର୍ଷ ବର୍ଷ ଧରି ଶରାର୍ଥୀ ରୂପେ ଜୀବନ ବିତାଉଥିବା ଲୋକ ଉପକୃତ ହେବେ। ଏହି ନିର୍ବାଚନୀ ସଭାରେ ଦଳୀୟ ଲୋକସଭା ପ୍ରାର୍ଥୀ ବଳଭଦ୍ର ମାଝୀ ଏବଂ ଉମରକୋଟ ଓ ଝରିଗାଁ ବିଧାନସଭା ଦଳୀୟ ପ୍ରାର୍ଥୀ ଯୋଗ ଦେଇଥିଲେ।

*Kendrapara*

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଆସନ୍ତା ମାସ ପହିଲାରେ କେନ୍ଦ୍ରାପଡ଼ା ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ବିଧାନସଭା ଆସନ ଗୁଡ଼ିକ ପାଇଁ ମତଗ୍ରହଣ କରାଯିବ। ଆସନ୍ତା ୭ ତାରିଖରେ ନିର୍ବାଚନ ସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ଏହି ଆସନ ଗୁଡ଼ିକ ପାଇଁ ଆସନ୍ତା ୧୪ ତାରିଖ ସୁଦ୍ଧା ନାମାଙ୍କନପତ୍ର ଦାଖଲ

କରାଯାଇପାରିବ। ନାମାଙ୍କନପତ୍ର ଦାଖଲ ତଥା ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା ଲକ୍ଷ୍ୟରେ ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ନାମାଙ୍କନପତ୍ର ଦାଖଲ ସମୟ ଦିନ ୧୧ଟାରୁ ୩ଟା ମଧ୍ୟରେ ରହିବ ବୋଲି ଚୂଡ଼ାନ୍ତ ହୋଇଛି। ନାମାଙ୍କନ ପ୍ରକ୍ରିୟାକୁ ଭିଡିଓ ଗ୍ରାଫି କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରାର୍ଥୀଙ୍କୁ ମିଶାଇ ୫ ଜଣରୁ ଅଧିକ ଏବଂ କାର୍ଯ୍ୟାଳୟର ୧୦୦ ମିଟର ପରିସୀମା ମଧ୍ୟକୁ ତିନୋଟିରୁ ଊର୍ଦ୍ଧ୍ୱ ଗାଡ଼ି ଆସିପାରିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି।

*Nabarangpur*

## ନିର୍ବାଚନ ସ୍ଥିତି-ନବରଙ୍ଗପୁର

ନବରଙ୍ଗପୁର ଜିଲ୍ଲାର ଏକ ବିଧାନସଭା ନିର୍ବାଚନମଣ୍ଡଳୀ ହେଉଛି ଝରି ଗାଁ ନିର୍ବାଚନ ମଣ୍ଡଳୀ। ଗ୍ରାମ ପଞ୍ଚାୟତ (ବଡ଼ ଭରଣ୍ଡି, ବଡ଼କୁମାରୀ, ଭାମିନୀ, ବେନୋରା, ସିଙ୍ଗିସାରୀ, ଭଣ୍ଡାରିଗୁଡ଼ା, ଟିକାଲପଦର, ହିରାପୁର, କାରା ଗାଁ ଏବଂ ରାଜପୁର) ଅନ୍ତର୍ଭୁକ୍ତ। **ଝରି ଗାଁ** ନିର୍ବାଚନମଣ୍ଡଳୀ ସମ୍ପର୍କରେ ଅଧିକ ତଥ୍ୟ ଦେଇ ଆମ ନବରଙ୍ଗପୁର ସମ୍ବାଦଦାତା **ପ୍ରଭାତୀ କୁମାରୀ ବିଷୋୟୀ** କହିଛନ୍ତି...

**- V/O –**

***Desk***

# ପଦ୍ମ ପୁରସ୍କାର ନାମାଙ୍କନ ଦାଖଲ

ମର୍ଯ୍ୟାଦାଜନକ ପଦ୍ମ ପୁରସ୍କାର ୨୦୨୫ ପାଇଁ ଅନ୍‌ଲାଇନ୍ ଜରିଆରେ ଆବେଦନ ପତ୍ର ଦାଖଲ ଏବଂ ସୁପାରିଶ ପଠାଇବାର ପ୍ରକ୍ରିୟା ଗତକାଲିଠାରୁ ଆରମ୍ଭ ହୋଇଛି । ଏହା ଆସନ୍ତା ସେପ୍ଟେମ୍ବର ମାସ ୧୫ ତାରିଖ ପର୍ଯ୍ୟନ୍ତ କରାଯାଇପାରିବ । ନାମାଙ୍କନ ଏବଂ ସୁପାରିଶ ପାଇଁ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲରେ ଆବେଦନ କରାଯାଇପାରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମ ପୁରସ୍କାର ଘୋଷଣା କରାଯାଇଥାଏ ।

***BBSR***

# ପାଣିପାଗ

ଉତ୍ତର ଓଡ଼ିଶା, ପଶ୍ଚିମ ଗାଙ୍ଗେୟ କ୍ଷେତ୍ର ଏବଂ ପୂର୍ବ ଝାଡ଼ଖଣ୍ଡ ଅଞ୍ଚଳରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ଗରବ ଅନୁଭୂତ ହେବା ସହ କେତେକ ସ୍ଥାନରେ ତାପମାତ୍ରା ୪୪ରୁ ୪୭ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଜି ମଧ୍ୟ ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ଜାରି ରହିଛି । ପ୍ରବଳ ଖରା ଏବଂ ଗୁଳୁଗୁଳି ଯୋଗୁଁ ଜନଜୀବନ ବାଧାପ୍ରାପ୍ତ ହୋଇଛି ।

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ ସୂଚନା ଅନୁଯାୟୀ ଆଜି ଦିନ ୧୧ଟା ୩୦ ସୁଦ୍ଧା ବାଲେଶ୍ୱରରେ ସର୍ବୋଚ୍ଚ ଦିନ ତାପମାତ୍ରା ୪୦

ଦଶମିକ ୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ସେହିପରି ଝାରସୁଗୁଡା ଓ କେନ୍ଦୁଝରରେ ୪୦ ଏବଂ ସମ୍ବଲପୁରରେ ଅଣଚାଳିଶ ଦଶମିକ ୭ ଓ ହୀରାକୁଦରେ ଅଣଚାଳିଶ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

*********************************